# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**28 September – 2025**

**News Editor : Satya Narayan Pattanaik**

**************************************

## ମୁଖ୍ୟ ସମ୍ବାଦ

- ଦେଶରେ ଗତ ୧୧ ବର୍ଷରେ ଖଦୀ, ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ଉଲ୍ଲେଖନୀୟ ପରିବର୍ତ୍ତନ ଦେଖାଦେଇଛି;

— ପ୍ରତ୍ୟେକ କ୍ଷେତ୍ରରେ କନ୍ୟା ସନ୍ତାନମାନେ ନିଜର ଉପସ୍ଥିତି ଜାହିର କରୁଛନ୍ତି ବୋଲି ମନ୍ କୀ ବାତ୍‌ରେ କହିଲେ ପ୍ରଧାନମନ୍ତ୍ରୀ

- ଦେଶରେ ୨ ଲକ୍ଷ ୫୦ ହଜାର ମଧ୍ୟସ୍ଥିଙ୍କର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କଲେ ଜାତୀୟ ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ

- ନବରାତ୍ରୀ ଅବସରରେ ଆଜି ରାଜ୍ୟର ଶକ୍ତିପୀଠଗୁଡ଼ିକରେ ଅନୁଷ୍ଠିତ ହେଉଛି ସପ୍ତମୀ ପୂଜା

ଏବଂ

- ଜଳାତଙ୍କ ରୋଗର ପ୍ରଭାବ ଓ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ବିଶ୍ୱ ଜଳାତଙ୍କ ଦିବସ

# ପିଏମ୍-ମନ୍ କୀ ବାତ୍

ଦେଶରେ ଖଦୀ ପ୍ରତି ଗତ ୧୧ ବର୍ଷରେ ଆକର୍ଷଣ ବୃଦ୍ଧି ପାଇବାରେ ଲାଗିଛି। ଆସନ୍ତା ୨ ତାରିଖ ଗାନ୍ଧି ଜୟନ୍ତୀରେ ଖଦୀ ଉତ୍ପାଦ କିଣିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି। ମନ୍ କୀ ବାତ୍‌ର ୧୨୬ତମ ସଂସ୍କରଣରେ ଦେଶବାସୀଙ୍କ ସହ ଭାବବିନିମୟ କରି ଶ୍ରୀ ମୋଦୀ କହିଛନ୍ତି, ଗାନ୍ଧି ଜୟନ୍ତୀରେ ଖଦୀ ଉତ୍ପାଦ କିଣି ହାସ୍ ଟ୍ୟାଗ୍ **ଭୋକାଲ୍ ଫର୍ ଲୋକାଲ୍** ସହିତ ସାମାଜିକ ଗଣମାଧ୍ୟମରେ ଶେୟାର କରନ୍ତୁ।

**V/O (PM- Khadi)**

ପ୍ରଧାନମନ୍ତ୍ରୀ ହସ୍ତତନ୍ତ ଏବଂ ହସ୍ତଶିଳ୍ପ କ୍ଷେତ୍ରରେ ଘଟିଥିବା ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ନେଇ ପ୍ରଧାନମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି । ପରମ୍ପରା ଏବଂ ନବସୃଜନ ଆଧାରରେ କରାଯାଉଥିବା କାର୍ଯ୍ୟ ଆଶ୍ଚର୍ଯ୍ୟଜନକ ଫଳାଫଳ ପ୍ରଦାନ କରେ ବୋଲି ଶ୍ରୀ ମୋଦୀ କହିଛନ୍ତି । ପର୍ବପର୍ବାଣୀ ପାଳନ ଅବସରରେ ସ୍ୱଦେଶୀ ଉତ୍ପାଦ ବ୍ୟବହାର କରିବା ସହ ଭୋକାଲ୍ ଫର୍ ଲୋକାଲ୍ ମନ୍ତ୍ରକୁ ଆପଣାଇବାକୁ ଶ୍ରୀ ମୋଦୀ ଅନୁରୋଧ କରିଛନ୍ତି । ସ୍ୱଦେଶୀ ଉତ୍ପାଦ ବ୍ୟବହାର ଦ୍ୱାରା ଜଣେ କାରିଗରର କଠିନ ପରିଶ୍ରମକୁ ସମ୍ମାନ ମିଳିବ ଏବଂ ଯୁବ  ଉଦ୍ୟୋଗୀଙ୍କ ସ୍ୱପ୍ନ ସାକାର ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

**V/O (PM- Local for Vocal)**

ସ୍ୱଚ୍ଛତା ଉପରେ ଗୁରୁତ୍ୱ ଆରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କେବଳ ଘର ପରିବେଶ ମଧ୍ୟରେ ଏହାକୁ ସୀମିତ ନ ରଖି ସାର୍ବଜନୀନ ଅଞ୍ଚଳ, ବଜାର ଏବଂ ଗ୍ରାମ ପର୍ଯ୍ୟନ୍ତ ଏହାକୁ ବ୍ୟାପକ କରାଯିବା ଉଚିତ। ନବରାତ୍ରୀ ପାଳନ ଅବସରରେ ଲୋକମାନେ ଶକ୍ତିପୂଜା କରନ୍ତି । ଏହି ଅବସରରେ ଶ୍ରୀ ମୋଦୀ ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଛନ୍ତି । ବ୍ୟବସାୟ ଠାରୁ କ୍ରୀଡ଼ା ଏବଂ ଶିକ୍ଷା ଠାରୁ ବିଜ୍ଞାନ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଦେଶର କନ୍ୟାସନ୍ତାନମାନେ ନିଜର ଉପସ୍ଥିତି ଜାହିର କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## - V/O -(Women)

ଛଟ୍ ପୂଜା ଏବେ ଏକ ବିଶ୍ୱ ମହୋତ୍ସବରେ ପରିଣତ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ମହାପର୍ବକୁ ୟୁନେସ୍କୋର ଅମୃତ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ କରିବାକୁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି । ସରକାରଙ୍କ ପ୍ରୟାସ ଯୋଗୁଁ କୋଲକାତାର ଦୁର୍ଗାପୂଜା ମହୋତ୍ସବ  ୟୁନେସ୍କୋ ତାଲିକାରେ ଅନ୍ତର୍ଭୁକ୍ତ ହୋଇଛି । ମନ୍ କି ବାତ୍ର ୧୨୬ତମ ସଂସ୍କରଣ ୟୁନେସ୍କୋ ତାଲିକାର ଏକ ଅଂଶ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିବା ସହ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଭଗତ ସିଂ ଏବଂ ଗାୟିକା ଲତା ମଙ୍ଗେସକରଙ୍କ ଆଜିର ଜନ୍ମବାର୍ଷିକୀ ସଂପର୍କରେ ଆଲୋକପାତ କରିଛନ୍ତି ।

ଏହି ଅବସରରେ ଶ୍ରୀ ମୋଦୀ ଉଭୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ବିଜୟା ଦଶମୀ ପାଳନ କରାଯିବ । ଚଳିତବର୍ଷ ଏହି ଦିବସ ପାଳନର ଅନ୍ୟ ଏକ ବିଶେଷତ୍ୱ ହେଉଛି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତିଷ୍ଠାର ଶହେବର୍ଷ ପୂରଣ । ଏକ ଶତାବ୍ଦୀର ଏହି ଯାତ୍ରା ଯେତିକି ଆଶ୍ଚର୍ଯ୍ୟଜନକ ଏବଂ ଅଭୂତପୂର୍ବ, ସେତିକି ପ୍ରେରଣାଦାୟୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଡକ୍ଟର କେ.ବି. ହେଡ୍‌ଗେଓ୍ୱାର୍ ୧୯୨୫ ମସିହାରେ ବିଜୟା ଦଶମୀ ଦିନ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରତିଷ୍ଠା କରିଥିଲେ । ଦୀପାବଳି ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ୱଦେଶୀ କିଣି ଆତ୍ମନିର୍ଭରଶୀଳ ଭାରତ ଅଭିଯାପନକୁ ସାକାର କରିବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

## ମନ୍ କୀ ବାତ୍-ଜିଲ୍ଲା

**ନବରଙ୍ଗପୁର** ଜିଲ୍ଲାର ଉମରକୋଟ୍‌ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକିଆ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍' କୁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସମେତ ଅନ୍ୟ କର୍ମକର୍ତ୍ତାମାନେ ସ୍ଥାନୀୟ ବିଜେପି କାର୍ଯ୍ୟାଳୟଠାରେ ଶୁଣିଛନ୍ତି ।

# ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀର ଆଜି ଦ୍ୱିତୀୟ ଦିନର ପ୍ରଥମ ଅଧିବେଶନରେ 'ମଧ୍ୟସ୍ଥତା କ୍ଷେତ୍ର ସହ ଜଡ଼ିତ ଆହ୍ୱାନ ଓ ଆଗାମୀ ପଦକ୍ଷେପ' ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆଲୋଚନାରେ ସର୍ବୋଚ୍ଚ ନ୍ୟାୟାଳୟର

ବିଚାରପତି ତଥା ଜାତୀୟ ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ କହିଛନ୍ତି, ଦେଶରେ ଏବେ ୨ ଲକ୍ଷ ୫୦ ହଜାର ମଧ୍ୟସ୍ଥିଙ୍କର ଆବଶ୍ୟକତା ରହିଛି। ବର୍ତ୍ତମାନ ସମୟରେ ମାତ୍ର ୧୩ ହଜାର ମଧ୍ୟସ୍ଥି ରହିଛନ୍ତି। ଏଥିପାଇଁ ଏକ ସୁବ୍ୟବସ୍ଥିତ ମଧ୍ୟସ୍ଥତାର ଆବଶ୍ୟକତା ରହିଛି। ପାରସ୍ପରିକ ଆଲୋଚନାଭିତ୍ତିକ ଏହି ଅଧିବେଶନରେ ୪ଟି ମୁଖ୍ୟ କ୍ଷେତ୍ର ସମ୍ପର୍କରେ ଆଲୋଚନା କରାଯାଇଥିଲା। ମଧ୍ୟସ୍ଥତାକୁ ଏକ ପେଶା ଭାବେ ଗ୍ରହଣ କରିବା ନେଇ ସ୍ୱୀକୃତି ଏବଂ ଏଥିରେ ବୃତ୍ତିଗତ ସୁଯୋଗ ରହିଛି ବୋଲି ସମ୍ମିଳନୀରେ ବିଭିନ୍ନ ରାଜ୍ୟର ବିଚାରପତିମାନେ ମତବ୍ୟକ୍ତ କରିଥିଲେ।

## ଇରମ-ସହିଦ ଦିବସ

**ଭଦ୍ରକ** ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ରକ୍ତତୀର୍ଥ ଇରମଠାରେ ୮୩ତମ ସହିଦ ଦିବସ ଆଜି ପାଳନ କରାଯାଉଛି । ରାମଧୂନ୍, ପ୍ରଭାତଫେରି, ତିଳତର୍ପଣ ସହ ଜାତୀୟପତାକା ଉତ୍ତୋଳନ କରାଯାଇ ପୋଲିସ ପକ୍ଷରୁ ତୋପସଲାମୀ ପ୍ରଦାନ କରାଯାଇଛି । ଏହି ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।

୧୯୪୨ ମସିହା ଭାରତଛାଡ ଆନ୍ଦୋଳନ ସମୟରେ ଇରମଠାରେ ଆୟୋଜିତ ପ୍ରତିବାଦ ସଭାରେ ପୋଲିସ ଗୁଳିରେ ଜଣେ ମହିଳାଙ୍କ ସମେତ ୨୯ଜଣ ସଂଗ୍ରାମୀ ସହିଦ ହୋଇଥିଲେ ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଐତିହାସିକ ରକ୍ତତୀର୍ଥ ଇରମ୍‌ଠାରେ ସ୍ୱାଧୀନତା ପାଇଁ ପ୍ରାଣବଳୀ ଦେଇଥିବା ସହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

# ମା' ଦୁର୍ଗାଙ୍କ ଷଷ୍ଠୀ ପୂଜା

ନବରାତ୍ରି ପାଳନ ଅବସରରେ ଆଜି ରାଜ୍ୟର ଶକ୍ତିପୀଠ ଗୁଡ଼ିକରେ ସପ୍ତମୀ ପୂଜା ଅନୁଷ୍ଠିତ ହେଉଛି । ତେବେ ପୂଜାମଣ୍ଡପ ଗୁଡ଼ିକରେ ମୃଣ୍ମୟୀ ପ୍ରତିମାଙ୍କ ଠାରେ ଆଜି ଷଷ୍ଠୀ ପୂଜା ଚାଲିଛି । ଏଥିପାଇଁ ପୂଜାକମିଟି ଗୁଡ଼ିକ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

**ପୁରୀ** ଶ୍ରୀମନ୍ଦିରରେ ଆଜିଠାରୁ ମା' ବିମଳାଙ୍କ ନିକଟରେ ତ୍ରି-ଦିନାତ୍ମକ ସ୍ୱତନ୍ତ୍ର ପୂଜାବିଧି ଅନୁଷ୍ଠିତ ହେବ। ଶ୍ରୀମନ୍ଦିରରେ ବିଳମ୍ବିତ ରାତ୍ର ସମୟରେ ସନ୍ଧିପୂଜା ହେବାର ପରମ୍ପରା ରହିଅଛି। ଏହି ସମୟ ମଧ୍ୟରେ ମହିଳାମାନେ ମା' ବିମଳାଙ୍କର ଦର୍ଶନ କରିବା ଉପରେ କଟକଣା ଜାରି କରାଯାଇଛି। ସେହିପରି ଶ୍ରୀକ୍ଷେତ୍ରର ବିଭିନ୍ନ ଶକ୍ତିପୀଠଗୁଡ଼ିକରେ ଆଜିଠାରୁ ସପ୍ତମୀ ପୂଜା ଆରମ୍ଭ ହେଉଛି।

ମା’ ବିମଳାଙ୍କ ପ୍ରତିନିଧିସ୍ୱରୂପା ମା’ କାକୁଡିଖାଇଙ୍କର ମହାସପ୍ତମୀ ପୂଜା ଉପଲକ୍ଷେ ଶ୍ରଦ୍ଧାଳୁଙ୍କର ସମାଗମ ପରିଲକ୍ଷିତ ହୋଇଛି ।

**ନୂଆପଡ଼ା** ଜିଲ୍ଲା ଖଡିଆଳର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀ ଏବଂ ମା’ ରକ୍ତାମ୍ବରୀଙ୍କର ପୂଜା ଉପାସନା ପରମ୍ପରା ଅନୁଯାୟୀ ଚାଲିଛି । ପବିତ୍ର ବିଜୟାଦଶମୀ ଦିନ ଯୋଡାଛତର ଯାତ୍ରା ଅନୁଷ୍ଠିତ ହେବ । ସୂଚନାଯୋଗ୍ୟ, ଚୌହାନ ବଂଶର ରାଜଶାସନକାଳରୁ ମା’ ରକ୍ତାମ୍ବରୀ ଏଠାରେ ପୂଜା ପାଇ ଆସୁଛନ୍ତି ।

**ସୁବର୍ଣ୍ଣପୁର**ର ଅଧିଷ୍ଠାତ୍ରୀ ଦେବୀ ସୁରେଶ୍ୱରୀ ଆଜି କାଳରାତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ।

# ସେବାପର୍ବ-ପିଏମ୍ ଜନଧନ

ସେବା ଏବଂ ସୁଶାସନ ଅର୍ଥାତ୍ ଜନସେବା ଓ ସୁଶାସନର ମନ୍ତ୍ରଦ୍ୱାରା ପରିଚାଳିତ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ପରିବର୍ତ୍ତନ ଏବଂ ପ୍ରଗତି ଆଣିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ଆମର ସ୍ୱତନ୍ତ୍ର ଧାରାବାହିକ ସେବା ପର୍ବରେ ଆସନ୍ତୁ ଜାଣିବା ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ମାଧ୍ୟମରେ ଆର୍ଥିକ ଅନ୍ତର୍ଭୁକ୍ତିକୁ ତ୍ୱରାନ୍ୱିତ କରାଯିବା ସହ ଦେଶବାସୀଙ୍କ ସଶକ୍ତିକରଣ ସଂପର୍କରେ ଏକ ରିପୋର୍ଟ :

**Seba Parba Opening**

ଗତ ଦଶନ୍ଧି ମଧ୍ୟରେ ଆର୍ଥିକ ଅନ୍ତର୍ଭୁକ୍ତି ଦେଶର ଅଭିବୃଦ୍ଧି କାହାଣୀର ଭିତ୍ତିଭୂମି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଏହାକୁ ସର୍ବୋଚ୍ଚ ପ୍ରାଥମିକତା ପ୍ରଦାନ କରିଛନ୍ତି । ୨୦୧୪ରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପିଏମ୍. ଜନଧନ ଯୋଜନା ଶ୍ରୀ ମୋଦୀଙ୍କ ପ୍ରମୁଖ ପଦକ୍ଷେପ ଗୁଡ଼ିକ ମଧ୍ୟରୁ ଗୋଟିଏ । ଦେଶବାସୀଙ୍କୁ ସଶକ୍ତ କରିବାରେ ଏହା ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି ।

**V/O (PM - Jandhan)**

୫୬ କୋଟିରୁ ଅଧିକ ଜନଧନ ଆକାଉଣ୍ଟ ସହିତ ଏହି ଯୋଜନା ବିଶ୍ୱର ସର୍ବବୃହତ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପଦକ୍ଷେପରେ ପରିଣତ ହୋଇଛି । ବିକାଶର ଲାଭ ସମାଜର ପ୍ରତ୍ୟେକ ବର୍ଗଙ୍କ ପାଖରେ ପହଞ୍ଚିବାରେ ଏହି ଯୋଜନା ସୁନିଶ୍ଚିତ କରିବା ସହିତ ଏକ ସମନ୍ୱିତ ଏବଂ ସଶକ୍ତ ଭାରତ ନିର୍ମାଣରେ ସହଯୋଗ ପ୍ରଦାନ କରୁଛି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

**Seba Parba Closing**

## ଜଳାତଙ୍କ ଦିବସ

ଜଳାତଙ୍କ ରୋଗର ପ୍ରଭାବ ଓ ଏହାର ନିରାକରଣ ସଂପର୍କରେ ଜନସଚେତନତା ସୃଷ୍ଟି କରିବା ନେଇ ଆଜି ବିଶ୍ୱ ଜଳାତଙ୍କ ଦିବସ ପାଳନ କରାଯାଉଛି । ଜଳାତଙ୍କ ଏକ ଭୂତାଣୁ ଜନିତ ରୋଗ । ଜଳାତଙ୍କ

ପ୍ରତିଷେଧ ଟିକା ଉଦ୍ଭାବନ କରିଥିବା ବୈଜ୍ଞାନିକ ଲୁଇ ପାଶ୍ଚରଙ୍କର ସ୍ମୃତିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆଜିର ଦିନକୁ ସ୍ମରଣୀୟ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି । କୁକୁର, ବିଲେଇ, ନେଉଳ ତଥା ବନ୍ୟ ବିଲୁଆ ଏବଂ ଅନ୍ୟ ପ୍ରାଣୀମାନେ ଜଳାତଙ୍କ ରୋଗର ବାହକ ହୋଇଥାନ୍ତି । ରୋଗାକ୍ରାନ୍ତ ପ୍ରାଣୀ ଜଣେ ସୁସ୍ଥ ବ୍ୟକ୍ତିଙ୍କୁ କାମୁଡ଼ିଲେ କିମ୍ବା ସୁସ୍ଥ ବ୍ୟକ୍ତିଜଣଙ୍କ ରୋଗାକ୍ରାନ୍ତ ପ୍ରାଣୀର ଲାଳ ସଂସ୍ପର୍ଶରେ ଆସିଲେ ଜଳାତଙ୍କ ଭୂତାଣୁ ସୁସ୍ଥ ପ୍ରାଣୀର ଶରୀରରେ ପ୍ରବେଶ କରିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ଅନୁସାରେ, ପୃଥିବୀରେ ବାର୍ଷିକ ୫୯ ହଜାର ଲୋକ ଜଳାତଙ୍କ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥାନ୍ତି । ଭାରତରେ ଜଳାତଙ୍କ ରୋଗର ୯୫ ପ୍ରତିଶତ କୁକୁର କାମୁଡ଼ିବା ଦ୍ୱାରା ହୋଇଥାଏ ।

## ବିଶ୍ୱ ନଦୀ ଦିବସ

ପରିବେଶ ସୁରକ୍ଷାରେ ନଦୀ ଏବଂ ଅନ୍ୟାନ୍ୟ ଜଳଉତ୍ସ ଗୁଡ଼ିକର ଭୂମିକା ଏବଂ ଏହାର ସଂରକ୍ଷଣ ନେଇ ସଚେତନତା ବୃଦ୍ଧି ଲକ୍ଷ୍ୟରେ ଆଜି ବିଶ୍ୱ ନଦୀ ଦିବସ ପାଳନ କରାଯାଉଛି । ୨୦୦୫ ମସିହାରୁ ପ୍ରତିବର୍ଷ ସେପ୍ଟେମ୍ବର ମାସ ଶେଷ ରବିବାର ଦିନ ଏହି ଦିବସ ପାଳିତ ହୋଇଥାଏ । ଏହି ଅବସରରେ ବିଭିନ୍ନ ସଂଗଠନ ପକ୍ଷରୁ ନଦୀଗୁଡ଼ିକୁ ସ୍ୱଚ୍ଛ ଓ

ପ୍ରଦୂଷଣମୁକ୍ତ ରଖିବା ପାଇଁ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଶ୍ୱ ନଦୀ ଦିବସରେ କହିଛନ୍ତି, ନଦୀ ଆମ ସଂସ୍କୃତି ଓ ପ୍ରକୃତିର ଅବିଚ୍ଛେଦ୍ୟ ଅଂଶ। ସମସ୍ତେ ନଦୀକୁ ସ୍ୱଚ୍ଛ ଓ ପ୍ରଦୂଷଣମୁକ୍ତ ରଖିବା ପାଇଁ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି, ନଦୀ ମାନବ ସଭ୍ୟତାର ଜୀବନରେଖା ଓ ହଜାର ହଜାର ବର୍ଷର ଇତିହାସର ସାକ୍ଷୀ। ଆଜିର ଦିନରେ ଆସନ୍ତୁ ନଦୀଗୁଡ଼ିକର ସ୍ୱଚ୍ଛତା ପାଇଁ ସଂକଳ୍ପ ନେବା।

## ପାଣିପାଗ

ଉତ୍ତର-ପଶ୍ଚିମ ଓ ସଂଲଗ୍ନ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ପାଣିପାଗ ବିଭାଗ ଅନୁସାରେ ଆଜିଠାରୁ ବର୍ଷାର ପରିମାଣ କମିବ । ମୌସୁମୀର ପ୍ରଭାବରେ ରାଜ୍ୟର ମଧ୍ୟ ଉପକୂଳ ଅଞ୍ଚଳ ଗୁଡ଼ିକରେ ମଙ୍ଗଳବାର ପର୍ଯ୍ୟନ୍ତ କିଛି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ଲାଗିରହିବ । ଅନ୍ୟପକ୍ଷରେ ଆସନ୍ତା ବୁଧବାର ୧ ତାରିଖ ଦିନ ବଙ୍ଗୋପସାଗରରେ ଆଉଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଭୀଷଣ ବର୍ଷା ହେବାର ଅନୁମାନ କରାଯାଇଛି ।